## ଫେବୃୟାରୀ ୧୫ରୁ ଆଦିବାସୀ ମେଳା

ଭୁବନେଶ୍ୱର,(ବ୍ୟୁରୋ)- ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ଆସନ୍ତା ଫେବୃୟାରୀ ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ୟୁନିଟ-୧ ଆଦିବାସୀ ପଡ଼ିଆରେ ଆଦିବାସୀ ମେଳା ହୋଇପାରେ। ରାଜଧାନୀରେ ଆଦିବାସୀ ହାଟ ଭଳି ପରିବେଶ ସୃଷ୍ଟି କରୁଥିବା ଏହି ପଡ଼ିଆରେ ଗତ ୨୦୧୮ ମସିହା ପରଠୁ ଆଦିବାସୀ ମେଳା ହୋଇନାହିଁ। ୨୦୧୮ରେ ବାର୍ଷିକ ଆଦିବାସୀ ମେଳାର ସ୍ଥାନକୁ ୟୁନିଟ-୧ସ୍ଥିତ 'ଆଦିବାସୀ ପଡ଼ିଆ'ରୁ ୟୁନିଟ-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ପୁନଃ ଆଦିବାସୀ ପଡ଼ିଆରେ ଏହି ମେଳା ହେବ ବୋଲି ସୂଚନା ମିଳିଛି।

**ସଂକ୍ଷେପରେ**

## ଜିଲାପାଳ, ଏସ୍‌ପି, ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ରିପୋର୍ଟ ତଲବ

- କଣ୍ଟାବାଞ୍ଜି ଜେଲରେ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ମାମଲା
- ଓଏଚ୍‌ଆର୍‌ସିଙ୍କୁ ମଧ୍ୟ ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆର୍‌ସି

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ କଣ୍ଟାବାଞ୍ଜି ଜେଲରେ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ରିପୋର୍ଟ ତଲବ କରିଛନ୍ତି। ଏହି ମାମଲାରେ କମିଶନ ବଲାଙ୍ଗୀର ଜିଲାପାଳ, ଏସ୍‌ପି ଏବଂ କଣ୍ଟାବାଞ୍ଜି ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟ ମାନବ ଅଧିକାର କମିଶନଙ୍କୁ ୬ ସପ୍ତାହ ଭିତରେ ୧୫ଟି ସମ୍ବେଦନଶୀଳ ତଥ୍ୟର ସମସ୍ତ ତଦନ୍ତ ରିପୋର୍ଟ ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁସାରେ, ମହାଲିଙ୍ଗ ସନ୍‌ଶାଇନ୍ ପବ୍ଲିକ ସ୍କୁଲର ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦଙ୍କ ଗତ ଡିସେମ୍ବର ୨୦ରେ କଣ୍ଟାବାଞ୍ଜି ଜେଲରେ ସନ୍ଦେହଜନକ ଅବସ୍ଥାରେ ମୃତଦେହ ମିଳିଥିଲା। ତାଙ୍କ ପକେଟରୁ ଏକ ଲଫାପା ମିଳିଥିଲା। ସେ ଆତ୍ମହତ୍ୟା କରିଥିବା କୁହାଯାଉଥିବାବେଳେ ଗୋବିନ୍ଦଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସୁବ୍ରତ କୁମାର ଦାଶ ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ।

## ନନ୍ଦନକାନନରେ ସରିଲା ପକ୍ଷୀଗଣନା

ବାରଙ୍ଗ,୧୨।୧(ଡି.ଏନ୍.ଏ.)- ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଦିନିକିଆ ପକ୍ଷୀଗଣନା ସରିଛି। ପ୍ରତିବର୍ଷ ପରି ଏଥର ଜାନୁୟାରୀ ୧୨ ତାରିଖରେ ନନ୍ଦନକାନନ ଓ ତା'ର ଆଖପାଖ ଅଞ୍ଚଳ ଆର୍ଦ୍ରଭୂମି ଅଞ୍ଚଳକୁ ଆସୁଥିବା ଜଳଚର ପକ୍ଷୀଙ୍କ ଗଣନା ହୋଇଛି। ଏହି ଦିନିକିଆ ପକ୍ଷୀଗଣନାରେ ୪୩ ଜଣ ପକ୍ଷୀ ବିଶେଷଜ୍ଞଙ୍କ ସହ ନନ୍ଦନକାନନ ଅଧିକାରୀମାନେ ସାମିଲ ହୋଇଥିଲେ। ସମସ୍ତେ ୭ଟି ଦଳରେ ବିଭକ୍ତ ହୋଇ କାଞ୍ଜିଆ ଓ କିଆଖଣି ହ୍ରଦ, ବଡ଼ବାଙ୍କ ଓ କଟୁରୀଘସା ପାଟ, ଚୁଡ଼ଙ୍ଗ ଓ କୃଷ୍ଣନଗର ଆଦି ଅଞ୍ଚଳକୁ ଗସ୍ତ କରି ସେଠାରେ ଥିବା ଜଳାଶୟକୁ ଆସୁଥିବା ଜଳଚରପକ୍ଷୀଙ୍କ ଗଣନା କରିଥିଲେ।

# ରାଜଧାନୀରେ ୭୫ରୁ ଊର୍ଦ୍ଧ୍ୱ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର,୧୨।୧(ବ୍ୟୁରୋ)

**ହକି ବିଶ୍ୱକପ୍ ପାଇଁ କମିଶନରେଟ ପୋଲିସ ପ୍ରସ୍ତୁତ**

- ଡିଜିଟାଲ୍ ଇନ୍‌ଫରମେଶନ୍ ବୁକ୍‌ଲେଟ୍ ଉନ୍ମୋଚନ
- କାର୍ଯ୍ୟରତ ପୋଲିସ ପିନ୍ଧିବେ ସ୍ୱତନ୍ତ୍ର ଲୋଗୋ




ଡିଜିଟାଲ ଇନ୍‌ଫରମେଶନ୍ ବୁକ୍‌ଲେଟ୍‌କୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଅନ୍ୟ ଅଧିକାରୀ ଉନ୍ମୋଚନ କରୁଛନ୍ତି।

ପୁରୁଷ ହକି ବିଶ୍ୱକପ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ରାଉରକେଲା ଓ ଭୁବନେଶ୍ୱରରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବାକୁ ଥିବାବେଳେ କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏନେଇ ଗୁରୁବାର କଳିଙ୍ଗ ଷ୍ଟାଡିୟମ୍‌ରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ କମିଶନର ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ, ଟ୍ରାଫିକ ଡିସିପି ଠାକୁର ପାତ୍ର ଏବଂ ଅନ୍ୟ ଅଧିକାରୀଙ୍କ ସମେତ ବହୁ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିବାକୁ ପୋଲିସ କର୍ମଚାରୀଙ୍କୁ କମିଶନର ପରାମର୍ଶ ଦେଇଥିଲେ। ପରେ ଖବରଦାତା ସମ୍ମିଳନୀରେ କମିଶନର କହିଥିଲେ, ବିଶ୍ୱକପ୍ ପାଇଁ କମିଶନରେଟ ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଖେଳାଳି ତଥା ଦର୍ଶକମାନେ ଭୁବନେଶ୍ୱରରେ ପହଞ୍ଚିବା ପରଠାରୁ ସେମାନଙ୍କ ସୁରକ୍ଷା, ହୋଟେଲରେ ରହଣି, ଷ୍ଟାଡିୟମକୁ ଆସିବା ପରେ ପୁଣି ଫେରିବା ଇତ୍ୟାଦିକୁ ସୁରକ୍ଷିତ ଓ ଶୃଙ୍ଖଳିତ କରିବାକୁ ସମସ୍ତ ପ୍ରସ୍ତୁତି କରାଯାଇଛି। ବିଭିନ୍ନ ସ୍ଥାନରେ ପୋଲିସ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସହରରେ ୭୫ରୁ ୮୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଏଥିସହ ୪୦୦ ଅଧିକାରୀ ଦାୟିତ୍ୱରେ ରହିବେ। ସେ ଆହୁରି କହିଥିଲେ, ସୁରକ୍ଷାକୁ ନେଇ ଭିନ୍ନ ଭିନ୍ନ ୭ଟି ଦିଗକୁ ନେଇ ସମସ୍ତ ବ୍ୟବସ୍ଥା କରାଯାଇଛି। ଉକ୍ତ ଦିଗଗୁଡ଼ିକ ହେଲା ଆଇନ ଶୃଙ୍ଖଳାର ପରିଚାଳନା, ମ୍ୟାଚ୍ ଅଧିକାରୀ, ଗଣମାଧ୍ୟମ ଓ ବିଦେଶୀ ଗଣମାଧ୍ୟମ କର୍ମଚାରୀଙ୍କ ସୁରକ୍ଷା, ଭିଆଇପିଙ୍କ ସୁରକ୍ଷା, ଦର୍ଶକଙ୍କ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ପର୍ଯ୍ୟଟନସ୍ଥଳୀଗୁଡ଼ିକର ସୁରକ୍ଷା, ଟ୍ରାଫିକ ଓ ରାସ୍ତା ନିୟନ୍ତ୍ରଣ, ସହରରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକର ସ୍ଥାନ ପ୍ରତି ଧ୍ୟାନ ଦିଆଯାଇଛି ବୋଲି ସେ କହିଥିଲେ। ଏହି ଅବସରରେ ଏକ ଡିଜିଟାଲ ଇନ୍‌ଫରମେଶନ୍ ବୁକ୍‌ଲେଟ୍‌କୁ କମିଶନର ଉନ୍ମୋଚନ କରିଥିଲେ। ଏଥିରେ ହକି ବିଶ୍ୱକପ୍‌ରେ ସୁରକ୍ଷା ବ୍ୟବସ୍ଥା, ପାର୍କିଂ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ରହିଛି। ସେହିପରି ଏକ ଲୋଗୋ ଉନ୍ମୋଚନ କରାଯାଇଥିଲା। ଏହି ଲୋଗୋର ମୋଟୋ ରହିଛି 'ଇନ୍ ଖାକି ଫର୍ ହକି'। ଏହି ଲୋଗୋକୁ ବ୍ୟାଜ୍ ଭାବେ ପୋଲିସ କର୍ମଚାରୀମାନେ ନିଜ ଖାକି ପୋଷାକରେ ଲଗାଇ କାର୍ଯ୍ୟ ସମ୍ପାଦନ କରିବେ।

## ଡଟ୍ ଫେଷ୍ଟରେ ମିଳିବ ୧୬ ଦେଶର ଖାଦ୍ୟ




ଡଟ୍‌ଫେଷ୍ଟ ସମ୍ପର୍କରେ ବିଏମ୍‌ସି ମେୟର ସୁଲୋଚନା ଦାସ ସୂଚନା ଦେଉଛନ୍ତି।

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ହକି ବିଶ୍ୱକପ୍‌କୁ ନେଇ ରାଜଧାନୀରେ ଉତ୍ସାହ ବଢ଼ିବାରେ ଲାଗିଛି। ଏହି ଅବସରରେ ଆସନ୍ତା ୧୫ରୁ ୨୯ ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶନୀ ପଡ଼ିଆରେ ହେବାକୁ ଥିବା ଡଟ ଫେଷ୍ଟକୁ ନେଇ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ଭୁବନେଶ୍ୱର ସମେତ ସାରା ଓଡ଼ିଶାବାସୀ ଅନ୍ତର୍ଜାତୀୟ ଖାଦ୍ୟ ମହୋତ୍ସବ ମାଧ୍ୟମରେ ୧୬ଟି ଦେଶ ଓ ଭାରତର ୨୪ଟି ରାଜ୍ୟର ସୁସ୍ୱାଦୁ ଖାଦ୍ୟର ମଜା ନେଇପାରିବେ। ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ସ୍ୱାଦିଷ୍ଟ ଖାଦ୍ୟର ଅନୁଭୂତି ଦେବା ଲାଗି ହକି ବିଶ୍ୱକପର ୧୬ଟି ଅଂଶଗ୍ରହଣକାରୀ ଦେଶର ଖାଦ୍ୟ ସହ ପ୍ରାୟ ୮୦ରୁ ୯୦ ପ୍ରକାରର ଖାଦ୍ୟ ପରିବେଷଣ କରାଯିବ। ମୋଟ ୬ଟି ଷ୍ଟଲରେ ଅନ୍ତର୍ଜାତୀୟ ଖାଦ୍ୟ ପରିବେଷଣ ହେବା ସହ ଓଡ଼ିଶା ସମେତ ଦେଶର ଅନ୍ୟାନ୍ୟ ରାଜ୍ୟର ଖାଦ୍ୟ ୨୪ଟି ଷ୍ଟଲରେ ପରିବେଷଣ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ୪ଟି ସରକାରୀ ଷ୍ଟଲ ମଧ୍ୟ ରହିବ, ଯେଉଁଠାରେ ମିଲେଟ ମିଶନ ଓ କୋରାପୁଟ କାଫେ ଆଦିର ସ୍ୱାଦିଷ୍ଟ ଖାଦ୍ୟ ଉପଲବ୍ଧ କରାଯିବ। ତାଜ ହୋଟେଲ୍‌ର ଏକ୍‌ଜିକ୍ୟୁଟିଭ୍ ଶେଫ୍ ହେମନ୍ତ ଓବରୟ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରିଛନ୍ତି। ଏହାବ୍ୟତୀତ ଡଟ୍ ଫେଷ୍ଟର ଅନ୍ତର୍ଜାତୀୟ ଖାଦ୍ୟ ମହୋତ୍ସବକୁ ଓଡ଼ିଶା ହୋଟେଲ ଓ ରେଷ୍ଟୁରାଣ୍ଟ ସଂଘ ସହଭାଗିତାରେ ଆୟୋଜନ କରାଯାଉଛି। ଏକକ-ବ୍ୟବହାର (ସିଙ୍ଗଲ ୟୁଜ) ପ୍ଲାଷ୍ଟିକର ବ୍ୟବହାରକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ନେଇ ଭାରତର ଲକ୍ଷ୍ୟକୁ ପରିଚାଳନା କରି କର୍ତ୍ତୃପକ୍ଷ ଡଟ ଫେଷ୍ଟ ସମୟରେ ଏକକ-ବ୍ୟବହାର ପ୍ଲାଷ୍ଟିକ ଉପରେ କଟକଣା ଲଗାଇଛନ୍ତି। ଏଠାରେ ଖାଦ୍ୟ ପରିବେଷଣ ପାଇଁ କେବଳ ବାୟୋଡିଗ୍ରେଡେବୁଲ ସାମଗ୍ରୀର ବ୍ୟବହାର କରାଯିବ।

## ହସ୍ତତନ୍ତ, ବୟନ ଓ ସେରିକଲଚର କ୍ଷେତ୍ରର ବିକାଶ ନେଇ ଆଲୋଚନା

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁଙ୍କ ଅଧ୍ୟକ୍ଷତାରେ କୃଷି ଭବନରେ ଗୁରୁବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ହସ୍ତତନ୍ତ, ବୟନ ଓ ସେରିକଲଚର କ୍ଷେତ୍ରର ବିକାଶ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ସମୀକ୍ଷା ବୈଠକରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ କ୍ଷେତ୍ରରେ ହିତାଧିକାରୀମାନଙ୍କୁ ଦିଆଯାଉଥିବା ବିଭିନ୍ନ ଯୋଜନା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ହସ୍ତତନ୍ତ ବୁଣାକାର ଓ ରେଶମ (ସେରିକଲଚର) ଚାଷୀମାନଙ୍କ ଉନ୍ନତିକୁ ଆଖି ଆଗରେ ରଖି ଦଳଗତ ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ସାହୁ ପରାମର୍ଶ ଦେଇଥିଲେ । ପୋଷାକ ଓ ବୟନ କ୍ଷେତ୍ରରେ ଅଧିକ ପୁଞ୍ଜି ଲଗାଣ ଉପରେ କେତେକ ନୀତି ସମ୍ପର୍କରେ ଆଲୋଚନା ହୋଇଥିଲା। ବାର୍ଷିକ ବଜେଟ୍‌କୁ ଠିକ୍ ସମୟରେ ବ୍ୟୟ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏବଂ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଜୟଲକ୍ଷ୍ମୀ



@ ଦୀପକ



@ ନମିତା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମୋ ବସ୍‌ରେ ମାଗଣା ଯାତ୍ରା କରିବେ ହକି ଦର୍ଶକ



ଆଲୋକମାଳାରେ ସଜ୍ଜିତ ହକି ବିଶ୍ୱକପ୍ ପ୍ରତିକୃତି ନିକଟରେ ଯୁବତୀମାନେ ସେଲଫି ନେଉଛନ୍ତି।

*ଭୁବନେଶ୍ୱର, ୧୨।୧(ବ୍ୟୁରୋ): ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି କ୍ରୁଟ୍ ପକ୍ଷରୁ ସ୍ମାର୍ଟସିଟି ରାଉରକେଲାରେ ମୋ ବସ୍ ସେବା ଆରମ୍ଭ ହୋଇଛି। ଭୁବନେଶ୍ୱରରୁ ରାଉରକେଲା ମଧ୍ୟରେ ଯାତ୍ରୀଙ୍କ ଯାତାୟାତକୁ ସୁଗମ କରିବା ପାଇଁ ଏହି ସେବା ଆରମ୍ଭ ହୋଇଥିବାବେଳେ ଭୁବନେଶ୍ୱରରେ ୧୫ଟି ଅତିରିକ୍ତ ଇ-ବସ୍ ସେବା ଆରମ୍ଭ ହୋଇଛି। ଆଗାମୀ ଦିନରେ ଆହୁରି ୧୦ଟି ଇ-ବସ୍ ରାଜଧାନୀରେ ଚଳାଚଳ କରିବ ବୋଲି କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ହକି ବିଶ୍ୱକପ୍‌ର ବୈଧ ଟିକେଟ ରଖିଥିବା ଯାତ୍ରୀ ଭୁବନେଶ୍ୱରରୁ ରାଉରକେଲା କ୍ରୁଟ୍‌ର ସ୍ୱତନ୍ତ୍ର ଶଟଲ୍‌ରେ ନିଶୁଳ୍କ ଯାତ୍ରା କରି ପାରିବେ। ଟିକେଟ ଉପରେ ଲେଖାଯାଇଥିବା ତାରିଖ ଆଧାରରେ କ୍ରୀଡ଼ାପ୍ରେମୀମାନେ ଏହି ସୁବିଧା ପାଇ ପାରିବେ। ସେହିପରି ୧୩ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ସେବା ଭୁବନେଶ୍ୱରର ୩ଟି ରୁଟ୍‌ରେ ଉପଲବ୍ଧ ହେବ। ଡଟ୍‌ଫେଷ୍ଟ ଏବଂ କଳିଙ୍ଗ ଷ୍ଟାଡିୟମ୍‌କୁ ଯିବାକୁ ଥିବା ଯାତ୍ରୀ ଟିକେଟ୍ ଦେଖାଇ ଅନୁରୂପ ସୁବିଧା ପାଇପାରିବେ। ସେହିପରି କ୍ରୁଟ୍‌ର ଅନ୍ୟାନ୍ୟ ସେବା ସହ 'ହେରିଟେଜ୍ ଅନ୍ ମୋ ଇ-ରାଇଡ୍' ସେବା ଯୋଡ଼ିହେବାକୁ ଯାଉଛି। ଏହି ସେବା ହକି ବିଶ୍ୱକପ୍ ସମୟରେ ନାଗରିକ ଓ ପର୍ଯ୍ୟଟକ ପାଇପାରିବେ। ଇ-ରିକ୍ସାରେ ଯାତ୍ରୀମାନେ ଏକାମ୍ର କ୍ଷେତ୍ର ଓ ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ପରିଦର୍ଶନ କରିପାରିବେ। ପର୍ଯ୍ୟଟକମାନେ ୧୩ରୁ ୧୫ ତାରିଖ ମଧ୍ୟରେ ସକାଳ ୭ଟାରୁ ୯ଟା ଏବଂ ଅପରାହ୍ନ ୩ ଟାରୁ ୫ଟା ଦୁଇଟି ପର୍ଯ୍ୟାୟରେ ନିଶୁଳ୍କ ଭାବେ ଯାତ୍ରା କରି ପାରିବେ ବୋଲି ସୂଚନା ଦିଆଯାଇଛି।*






ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆ ରାସ୍ତାର ସୌନ୍ଦର୍ଯ୍ୟକରଣ କରାଯାଉଛି।



ଓଲିଲ୍ୟାଣ୍ଡରେ ପିଲାମାନେ ସେଲ୍ଫି ନେଉଛନ୍ତି।




କଳିଙ୍ଗ ଷ୍ଟାଡିୟମର ଓଲିଲ୍ୟାଣ୍ଡ ମୁଖ୍ୟ ପ୍ରବେଶ ପଥକୁ ସଜ୍ଜିତ କରାଯାଇଛି।

